# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**14 July – 2026**

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟ କ୍ୟାବିନେଟ୍ ବୈଠକରେ ୭ଟି ବିଭାଗର ୧୩ଟି ପ୍ରସ୍ତାବକୁ ମଞ୍ଜୁରୀ
- ମୁଖ୍ୟମନ୍ତ୍ରୀ ସଡକ ଯୋଜନାର ଅବଧିକୁ ୫ ବର୍ଷ ପାଇଁ ବୃଦ୍ଧି କଲେ ସରକାର
- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ମାର୍ଗଦର୍ଶିକା ଉନ୍ମୋଚନ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା
- ଶ୍ରୀନଅରରେ ଖଡିପ୍ରସାଦ ବିଜେ ନୀତି ସମ୍ପନ୍ନ: ନବଯୌବନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି

ଏବଂ

- ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗି ରହିଛି ବର୍ଷା

## କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଅପରାହ୍ଣରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ଟି ବିଭାଗର ୧୩ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟମନ୍ତ୍ରୀ ସଡକ ଯୋଜନାର ଅବଧିକୁ ୫ ବର୍ଷ ପାଇଁ ବୃଦ୍ଧି କରାଯାଇଛି। ଏଥିରେ ୪ ହଜାର ୬୦୦ କିଲୋମିଟର ନୂଆ ସଡକ ନିର୍ମାଣ ପାଇଁ କ୍ୟାବିନେଟ୍‌ର ମଞ୍ଜୁରୀ ମିଳିଛି। ରାସ୍ତା ସଂଯୋଗ ହୋଇନଥିବା ସମସ୍ତ ଗ୍ରାମ ଓ ଦୁର୍ଗମ ଅଂଚଳକୁ ଯୋଜନା ଅଧୀନରେ ସଡକ ନିର୍ମାଣ କରାଯିବ। ସେହିଭଳି ସେତୁବନ୍ଧ ଯୋଜନାର ଅବଧିକୁ ୫ ବର୍ଷ ପାଇଁ ବୃଦ୍ଧି କରାଯାଇଛି। ଯେଉଁଥିରେ ୩ ହଜାର ୧୬୭ଟି ପୁରୁଣା ସେତୁକୁ ମରାମତି କରାଯିବ ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି।

## ପ୍ରଭାତୀ ପରିଡା

ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ଆନୁଷ୍ଠାନିକ ଭାବେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା-୨୦୨୬-୨୭ର ମାର୍ଗଦର୍ଶିକା ଉନ୍ମୋଚନ କରିଛନ୍ତି। ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀମତୀ ପରିଡା କହିଛନ୍ତି, ଏହି ଯୋଜନା ମାଧ୍ୟମରେ ବରିଷ୍ଠ ନାଗରିକଙ୍କୁ ସମ୍ମାନ,

ସୁରକ୍ଷା ଏବଂ ସରକାରୀ ସହାୟତା ସହିତ ଦେଶର ବିଭିନ୍ନ ପବିତ୍ର ଧାର୍ମିକ ସ୍ଥଳି ଭ୍ରମଣ କରାଇବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ।

**- V/O -**

ସୂଚନାଯୋଗ୍ୟ, ଯୋଜନା ଅଧୀନରେ ଏପର୍ଯ୍ୟନ୍ତ ୪୫ ହଜାରରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଦେଶର ବିଭିନ୍ନ ପ୍ରସିଦ୍ଧ ତୀର୍ଥସ୍ଥଳି ଦର୍ଶନ କରିଛନ୍ତି। ଯୋଜନାରେ ଆବେଦନ ପ୍ରକ୍ରିୟା ଆସନ୍ତାକାଲିଠାରୁ ଆରମ୍ଭ ହୋଇ ଅଗଷ୍ଟ ମାସ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ।

## ରାଜ୍ୟପାଳ

ଭୁବନେଶ୍ୱରସ୍ଥିତ ଲୋକଭବନ ଅଭିଷେକହଲ୍‌ଠାରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ୨୦୨୩ ବ୍ୟାଚ୍‌ର ଓଡ଼ିଶା ପ୍ରଶାସନିକ ସେବା ପ୍ରଶିକ୍ଷାର୍ଥୀଙ୍କ ସହିତ ଭାବ ବିନିମୟ କରିଛନ୍ତି। ଏହି ଅବସରରେ ପ୍ରଶିକ୍ଷାର୍ଥୀଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ଜ୍ଞାନ ଅର୍ଜନ କରି ସରକାର ଓ ନାଗରିକଙ୍କ ମଧ୍ୟରେ ଏକ ସେତୁ ଭାବେ କାର୍ଯ୍ୟ କରି ଉନ୍ନତ ସେବା ପ୍ରଦାନ କରିବାକୁ ରାଜ୍ୟପାଳ କହିଛନ୍ତି।

## ପୁରୀ-କଟକଣା

ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଆୟୋଜନ ପାଇଁ ଟ୍ରାଫିକ୍ ସୁପରିଚାଳନା ଉପରେ ଗୁରୁତ୍ୱ ଦିଆଯିବା ସହ କଡା ବ୍ୟବସ୍ଥା କରାଯାଇଛି। ୬ଟି ନୂଆ ପାର୍କିଂସ୍ଥଳିକୁ ମିଶାଇ ମୋଟ ୩୦ଟି ପାର୍କିଂ ସ୍ଥାନ କରାଯାଇଛି। ସେଥିମଧ୍ୟରୁ ୩ଟି ସ୍ଥାନରେ ଡ୍ରୋନ୍ ଦ୍ୱାରା ଟ୍ରାଫିକ୍ ଗତିବିଧି ଉପରେ ତୀକ୍ଷ୍ଣ ନଜର

ରଖାଯିବ। ପୁରୀ ଜିଲ୍ଲା ପ୍ରଶାସନ, ଟ୍ରାଫିକ୍ ପୁଲିସ୍ ପକ୍ଷରୁ ସ୍ୱତନ୍ତ୍ର ଆପ୍, ଟ୍ରାଫିକ୍ କଣ୍ଟ୍ରୋଲ ରୁମ୍, ସିସିଟିଭି କ୍ୟାମେରା, ଚାଟ୍‌ବଟ୍‌ର ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ରଥଯାତ୍ରାରେ ପ୍ରଯୁକ୍ତି ଆଧରିତ ଟ୍ରାଫିକ୍ ପରିଚାଳନାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ସେହିଭଳି ଭକ୍ତଙ୍କ ସହାୟତା ପାଇଁ ୭୩ଟି ଟ୍ରାଫିକ୍ ଏଡ୍ ପୋଷ୍ଟ ସ୍ଥାପନ କରାଯାଇଛି।

## ସୁରେଶ ପୂଜାରୀ

**ସମ୍ବଲପୁର** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ଜିଲ୍ଲାର ବିକାଶମୂଳକ ବିଭିନ୍ନ କାର୍ଯ୍ୟକ୍ରମ ଓ ରାଜସ୍ୱ ସେବାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ବସୁନ୍ଧରା ଯୋଜନାରେ ପଟ୍ଟା ଆବଣ୍ଟନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ବିଦ୍ୟାଳୟ ଓ କଲେଜଗୁଡ଼ିକୁ ପଟ୍ଟା ଦେବା କାର୍ଯ୍ୟ ତ୍ୱରିତ ଗତିରେ ଆଗେଇ ଚାଲିଛି। ଡିସେମ୍ବର ମାସ ଶେଷ ସୁଦ୍ଧା ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକର ନିଜସ୍ୱ ଜମି ପଟ୍ଟା ରହିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

## ନବଯୌବନ ଦର୍ଶନ

**ପୁରୀ** ଶ୍ରୀମନ୍ଦିରରେ ଆଜି ନେତ୍ରୋତ୍ସବରେ ମହାପ୍ରଭୁ ଶ୍ରଦ୍ଧାଳୁଙ୍କୁ ନବଯୌବନ ବେଶରେ ଦର୍ଶନ ଦେଉଛନ୍ତି। ଚଳିତବର୍ଷ ନୀତିବହୁଳ ରହିଥିବାରୁ ଦର୍ଶନ ସାମାନ୍ୟ ବିଳମ୍ବ ହୋଇଥିଲା। ପରମ୍ପରା ଅନୁସାରେ, ପ୍ରଥମେ ଝୁଣ ବାହାରିବା ପରେ ଶ୍ରୀନଅରକୁ ଖଡିପ୍ରସାଦ ବିଜେ ନୀତି

ଅନୁଷ୍ଠିତ ହୋଇଥିଲା। ଦଇତାପତି ସେବକମାନେ ଘଣ୍ଟ-ଘଣ୍ଟା ଛତ୍ରୀ ସହ ବୈଜୟନ୍ତୀ ଓ ବିଜେ କାହାଳୀ ବଜାଇ ଶ୍ରୀମନ୍ଦିରରୁ ବାହାରିଥିଲେ। ସମସ୍ତ ସେବକମାନେ ରୁପାଥାଳିରେ ମହାପ୍ରଭୁଙ୍କ ଦିବ୍ୟଦ୍ରବ୍ୟସବୁକୁ ଧରି ବିଜେ କରିଥିଲେ। ମହାପ୍ରଭୁ ସମ୍ପୂର୍ଣ୍ଣ ସୁସ୍ଥ ଓ ରଥଯାତ୍ରା ପାଇଁ ବାହାରିବେ ବୋଲି ଗଜପତି ମହାରାଜଙ୍କୁ ଅବଗତ କରାଇଥିଲେ। ଗଜପତି ମହାରାଜ ସେବକମାନଙ୍କଠାରୁ ପ୍ରଭୁଙ୍କ ପ୍ରସାଦ ଗ୍ରହଣ କରିବା ପରେ ରଥଯାତ୍ରାର ଭବ୍ୟ ଆୟୋଜନ ନେଇ ଆଲୋଚନା କରିଥିଲେ। ଆସନ୍ତାକାଲି ପ୍ରତିପଦା ତିଥିରେ ଶ୍ରୀଜୀଉଙ୍କ ଉଭା ଯାତ୍ରା ଅନୁଷ୍ଠିତ ହେବ। ଗୁରୁବାର ଦିନ ଶ୍ରୀଗୁଣ୍ଡିଚାଯାତ୍ରାକୁ ଦୃଷ୍ଟିରେ ରଖି ଆସନ୍ତାକାଲି ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

**ନୟାଗଡ଼** ଜିଲ୍ଲା ରଣପୁର, ଖଣ୍ଡପଡା, ଦଶପଲ୍ଲା, ଭାଁପୁର, ଗଣିଆ, ରାଜସୁନାଖଳା, ଶରଣକୁଳ ଆଦି ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଆଜି ପବିତ୍ର ନେତ୍ରୋତ୍ସବ ଅବସରରେ ନବଯୌବନ ବେଶ ଅନୁଷ୍ଠିତ ହୋଇଯାଇଛି।

ପ୍ରତ୍ୟୁଷରୁ ଜୟମଙ୍ଗଳ ଆଳତି ନୀତିସ୍ନାନ, ନ୍ୟାସ, ମଣୋହୀ କରାଯାଇଥିଲା। ବର୍ତ୍ତମାନ ସାହାଣମେଳାରେ ଭକ୍ତମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରୁଛନ୍ତି।

**ସୁବର୍ଣ୍ଣପୁର** ଜିଲ୍ଲାର ପାତାଳିଶ୍ରୀକ୍ଷେତ୍ର ସମେତ ସମସ୍ତ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ନବଯୌବନ ବେଶ ଅନୁଷ୍ଠିତ ହୋଇଛି। ଆସନ୍ତା ଗୁରୁବାର ଦିନ ଜିଲ୍ଲାରେ ହେବାକୁ ଥିବା ରଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

**ବୌଦ୍ଧ** ଜିଲ୍ଲାର ପାତାଳିଶ୍ରୀକ୍ଷେତ୍ର ନାୟକପଡା ଗୁମ୍ଫା, ଠିଡିକାଜୋର, ନାରାୟଣନଗର, ମନମୁଣ୍ଡା, ପୁରୁଣାକଟକ, ବୁଟୁପାଲି କଣ୍ଟାମାଳ, ଜଗତୀ ସମେତ ବିଭିନ୍ନ ଅଂଚଳର ଜଗନ୍ନାଥ ମନ୍ଦିରରେ ତିନିଠାକୁରଙ୍କ ନବଯୌବନ ବେଶ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି ।

ତୁଳସୀକ୍ଷେତ୍ର **କେନ୍ଦ୍ରାପଡା**ର ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉଙ୍କର ପବିତ୍ର ନେତ୍ରୋତ୍ସବ ଏବଂ ନବଯୌବନ ବେଶ ଦେବନୀତି ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ହୋଇଯାଇଛି ।  ରଥଯାତ୍ରା ପାଇଁ ମହାରଣା ସେବକଙ୍କ ଦ୍ୱାରା ବ୍ରହ୍ମତାଳଧ୍ୱଜ ରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।

## ପାଠ୍ୟପୁସ୍ତକ ତ୍ରୁଟି

ରାଜ୍ୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ବିଦ୍ୟାଳୟ ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଶିକ୍ଷା ଗବେଷଣା ପ୍ରଶିକ୍ଷଣ ପରିଷଦ–ଏସ୍.ସି.ଇ.ଆର୍.ଟି.ର ପୂର୍ବତନ ନିର୍ଦ୍ଦେଶକଙ୍କୁ ମନୋଜ ପାଢୀଙ୍କୁ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଗିରଫ କରାଯାଇଛି । ପୂର୍ବରୁ ଏହି ଘଟଣାରେ ତିନିଜଣ ସହକାରୀ ନିର୍ଦ୍ଦେଶକଙ୍କୁ ନିଲମ୍ବନ ଏବଂ ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଗତ କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତ୍ରୁଟି ସମ୍ପର୍କିତ ସମଗ୍ର ପ୍ରକ୍ରିୟାର ଅପରାଧିକ ତଦନ୍ତ ଆରମ୍ଭ କରିବା ନେଇ ନିର୍ଦ୍ଦେଶ ଦେଇଥିଲେ ।

ପୂର୍ବରୁ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ ଘଟଣାର ତଦନ୍ତ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା ।

## ସମୀକ୍ଷା ବୈଠକ

**ମାଲକାନଗିରି** ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ନବରଙ୍ଗପୁର ଲୋକସଭା ସାଂସଦ ବଳଭଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଉନ୍ନୟନ, ସମନ୍ୱୟ ଓ ସମୀକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଜିଲ୍ଲାପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ, ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ଏବଂ ଉଚ୍ଚ ଅଧିକାରୀମାନେ ବିଭିନ୍ନ ବିଭାଗର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଆଲୋଚନା କରିଥିଲେ ।

## ଏସ୍ଆଇଆର

ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଚିଠା ତାଲିକା ପରବର୍ତ୍ତୀ ପର୍ଯ୍ୟାୟକୁ ସଫଳ ଓ ତ୍ରୁଟିଶୂନ୍ୟ ଭାବେ ସମ୍ପାଦନ କରବା ଲକ୍ଷ୍ୟରେ ବୌଦ୍ଧ ଜିଲ୍ଲାର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଏଲ୍ଓ ଏବଂ ବିଏଲ୍ଓ ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରକ୍ତି ଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଅନିରୁଦ୍ଧ ପଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା ପ୍ରଶିକ୍ଷଣରେ ଚିଠା ପରବର୍ତ୍ତୀ କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା ।

## ସମନ୍ୱୟ ବୈଠକ

**ମାଲକାନଗିରି** ଜିଲ୍ଲାରେ ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଜିଲ୍ଲା ପୁଲିସ୍ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ଅଧିକାରୀମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ସଚେତନତା ଓ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଶିଶୁ ଅଧିକାର ସୁନିଶ୍ଚିତ କରିବା ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଆଇନ୍‌ର ଅନୁପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ ।

## ସ୍ଥିତି ସମୀକ୍ଷା

**କଳାହାଣ୍ଡି** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ସମ୍ମିଳନୀ କକ୍ଷରେ ବିଭିନ୍ନ ସରକାରୀ ଅଭିଯୋଗର ସ୍ଥିତି ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବୈଠକରେ ଅଧ୍ୟକ୍ଷତା କରି ସମସ୍ତ ଅଭିଯୋଗକୁ ଆସନ୍ତା ସପ୍ତାହକ ମଧ୍ୟରେ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ସମୀକ୍ଷା ବୈଠକ

**ନୟାଗଡ଼** ଜିଲ୍ଲାର ବିଭିନ୍ନ ସ୍ଥାନରେ ହେବାକୁ ଥିବା ରଥଯାତ୍ରାକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ପାଳନ କରିବା ଲକ୍ଷ୍ୟରେ ଆଜି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ରଥଯାତ୍ରାରେ ଟ୍ରାଫିକ୍ ପରିଚାଳନା, ଭିଡ ନିୟନ୍ତ୍ରଣ,

ପୁଲିସ୍‌ବଳ ମୁତୟନ ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା।

## ନମସ୍ତେ ଦିବସ

**ଗଞ୍ଜାମ** ଜିଲ୍ଲା ଛତ୍ରପୁର ପୌର ପରିଷଦ ପକ୍ଷରୁ ନମସ୍ତେ ଦିବସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ସଫେଇ କର୍ମଚାରୀଙ୍କ ଗୁରୁତ୍ୱକୁ ସମ୍ମାନ ଜଣାଇ ଏହି ଦିବସ ରାଜ୍ୟବ୍ୟାପୀ ଆଜିଠାରୁ ପାଳନ କରାଯାଉଛି।

## ପାଣିପାଗ

ଉତ୍ତର ବଙ୍ଗୋପସାଗର ଏବଂ ସଂଲଗ୍ନ ଦକ୍ଷିଣ ବାଂଲାଦେଶ ଉପରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ବର୍ଷା ଲାଗି ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ନେଇ ୧୩ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି।